

# ଭୁବନେଶ୍ୱର + କଟକ

# ଗ୍ୟାସ୍ ସଙ୍କଟରେ ବଳି ପଡୁଛି ଗଛ

ଭୁବନେଶ୍ୱର, ୩୦।୩(ସମିସ): ସାରା ରାଜ୍ୟରେ ଉଗ୍ରରୂପ ନେଲାଣି ରନ୍ଧନ ଗ୍ୟାସ୍ ସଙ୍କଟ। ଗୋଟେପଟେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟରେ ଗ୍ୟାସ୍ ସଙ୍କଟ ନଥିବା କଥା କହୁଥିବା ବେଳେ ଗ୍ୟାସ ଉପଭୋକ୍ତାମାନେ ସକାଳୁ ସଞ୍ଜ ଯାଏ ବିଭିନ୍ନ ଗ୍ୟାସ ଏଜେନ୍ସି ସାମ୍ନାରେ ଧାଡ଼ିରେ ଛିଡ଼ା ହୋଇ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ବାଧ୍ୟ ହୋଇ ଲୋକେ କାଠ ଚୂଲିକୁ ଆପଣାଇଲେଣି। ରାଜଧାନୀରେ ଜାଳେଣି କାଠ ସଂଗ୍ରହ

**■ ଟାର୍ଗେଟ୍‌ରେ ପାର୍କ ଓ ରାସ୍ତାକଡ଼ ଗଛ**
**■ ପାର୍କରୁ ଗଛ କାଟି ତିଆରି ହେଉଛି ଜାଳେଣି କାଠ**



କରିବା ଏକପ୍ରକାର କଷ୍ଟସାଧ୍ୟ ହୋଇଥିବା ବେଳେ ଏବେ ଟାର୍ଗେଟ୍ ପାଲଟିଛି ରାଜଧାନୀର ବିଭିନ୍ନ ପାର୍କ। ପାର୍କରେ ଲଗାଯାଇଥିବା ଗଛ ଗୁଡ଼ିକୁ କାଟି ବୋହି ନେଉଛନ୍ତି ଲୋକେ। ପାର୍କକୁ ଭ୍ରମଣ ବାହାନାରେ ଆସି ଗଛକୁ ପ୍ରଥମେ ଚିହ୍ନଟ କରି ପରେ ତାହାକୁ କାଟି ପାଚେରୀ ସେପାଖକୁ ଫିଙ୍ଗି ଦେଉଛନ୍ତି। ପରବର୍ତ୍ତୀ ସମୟରେ ତାହାକୁ ନେଇ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ପରିବାର ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ବିକଳ୍ପ ଭାବେ ଗଛ ଗୁଡ଼ିକୁ ବଳି ପକାଉଛନ୍ତି ରାଜଧାନୀ ଲୋକେ। ସକାଳୁ ସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସହରର ପ୍ରମୁଖ ପାର୍କ ସତ୍ୟସଙ୍ଗବିହାର ସ୍ଥିତ ମୁଖାର୍ଜୀ ପାର୍କରେ।

ବର୍ତ୍ତମାନ ମଧ୍ୟ ପ୍ରାଚୀରେ ଯୁଦ୍ଧ ଚାଲିଥିବା ବେଳେ ଏହାର ପ୍ରଭାବ ସାରା ଦେଶ ଉପରେ ପଡ଼ିଛି। ଏଥିରୁ ବାଦ୍ ପଡ଼ିନି ଓଡ଼ିଶା। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷକରି ଏହି ଯୁଦ୍ଧ ପାଇଁ ଗ୍ୟାସର ଅଭାବୀ ଏବେ ଜନସାଧାରଣଙ୍କ ଚିନ୍ତାର କାରଣ ପାଲଟିଛି। ଯେଉଁମାନେ ଗ୍ୟାସ୍ ବୁକିଂ କରୁଛନ୍ତି ସେମାନଙ୍କୁ ଗ୍ୟାସ୍ ଡେଲିଭରୀ ହୋଇଥିବା ଦର୍ଶାଇ କଳାବଜାରୀ ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ସେହିପରି ବ୍ଲାକରେ ବିକ୍ରି ହେଉଥିବା ଗ୍ୟାସ୍ ଦର ୩ଗୁଣା ହୋଇଥିବା ବେଳେ ଅଭାବ ଯୋଗୁଁ ବିଭିନ୍ନ ରିଟେଲରଙ୍କ ଠାରୁ ଆରମ୍ଭ କରି ଛୋଟ ଛୋଟ ଗ୍ୟାସ ଦୋକାନରେ ତାଲା ଝୁଲୁଛି। ଫଳରେ ଘରୋଇ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ଏବେ ଗାଁ ମୁହାଁ ହୋଇଛନ୍ତି। ତେବେ ବିଶେଷ କରି ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ଅନେକ ଲୋକେ ଗ୍ୟାସ୍ ର ବିକଳ୍ପ ଭାବେ କାଠଚୂଲିକୁ ଭରସା କରିଛନ୍ତି। କାରଣ ଚୋରାରେ ବିକ୍ରି ହେଉଥିବା ଗ୍ୟାସ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଏଥିପାଇଁ ରାଜଧାନୀର ରାସ୍ତାକଡ଼ରେ ରହିଥିବା ବିଭିନ୍ନ ଗଛ ସହ ବିଶେଷ କରି ପାର୍କରେ ରହିଥିବା ଗଛଗୁଡ଼ିକ କାଟି ନେଉଥିବା ଦେଖିବାକୁ ମଳୁଛି। ତେବେ ରାତି ପାହିଲେ ରାଜଧାନୀର ବିଭିନ୍ନ ପାର୍କରେ ଭିଡ଼ ଜମେ। ସେହିକ୍ରମରେ ମୁଖାର୍ଜୀ ପାର୍କକୁ ମଧ୍ୟ ଆଖପାଖ ଅଞ୍ଚଳର ଲୋକେ ପ୍ରାତଃଭ୍ରମଣ କରିବାକୁ ଆସିଥାନ୍ତି। ପାର୍କରେ ୨ଟି ପ୍ରମୁଖ ଗେଟ୍ ରହିଥିବା ବେଳେ ଜଣେ ମାତ୍ର ମହିଳା ସୁରକ୍ଷାକର୍ମୀ ରହିଛନ୍ତି। ଅନ୍ୟ ଫାଟକ ନିକଟରେ କେହି ନଥିବାରୁ ଅବାଧରେ ପାର୍କ ମଧ୍ୟକୁ ପ୍ରବେଶ କରୁଛନ୍ତି ଲୋକେ। ବ୍ୟାଗରେ କଟୁରି ଲୁଚାଇ ଆଣି ଗଛ ଗୁଡ଼ିକ କାଟି ତାହାକୁ ଶୁଖାଇ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। କେହି କେହି ସମୟ ସୁବିଧା ଦେଖି ଗଛ ଗୁଡ଼ିକ ପର୍ଯ୍ୟାୟ କ୍ରମେ କାଟୁଥିବା ବି ଦେଖିବାକୁ ମଳିଛି। ଏନେଇ ପାର୍କର ସୁରକ୍ଷାକର୍ମୀ କହିଛନ୍ତି ଯେ, ଏତେବଡ଼ ପାର୍କରେ ଜଣେ ଏକାସାଙ୍ଗକରେ ଦୁଇଟି ଫାଟକ ନିକଟରେ ରହିବା ସମ୍ଭବ ନୁହେଁ କିମ୍ବା ପ୍ରତ୍ୟେକ ଲୋକଙ୍କୁ ଜଗିବା ମଧ୍ୟ ସମ୍ଭବ ହେଉନାହିଁ। ତା ଭିତରେ ଅନେକ ଏଭଳି ଅମାନୁଷିକ କାର୍ଯ୍ୟ କରୁଛନ୍ତି। କାରଣ ପାର୍କରେ ଗଛ ଗୁଡ଼ିକ ଜାଗା ଜାଗାରେ ଅଧା କଟାଯାଇଥବା ଦେଖିବାକୁ ମିଳିଛି। ତେବେ ଗ୍ୟାସ୍ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି। ସେହିପରି ରାଜଧାନୀର ଅନ୍ୟ ପାର୍କରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି।

ଏପେଟ ଗ୍ୟାସ୍ ବୁକିଂ କରି ଡିଏସି ନମ୍ବର ଆସିବାର ୧୫ଦିନ ପରେ ମଧ୍ୟ ଗ୍ୟାସ ମିଳୁନି। ଘରୋଇ ଭାବେ ଯେଉଁ ଗ୍ୟାସ ବାହାରେ ବିକ୍ରି ହେଉଥିଲା, ତାହା ଏବେ ୩-୪ ହଜାର ଟଙ୍କାରେ ଚଢ଼ା ଦରରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ରାଜ୍ୟରେ ଗ୍ୟାସ, ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ ବାରମ୍ବାର ମନ୍ତବ୍ୟ ଦେଉଥିବା ବେଳେ ସହରକୁ ସବୁଜ କରିବା ପାଇଁ ଗଛ ଲଗାଯାଉଥିବା ବେଳେ ଏହାକୁ କାଟି ଜଳେଣି ଭାବେ ବ୍ୟବହାର କରାଯିବାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

## ବିମାନବନ୍ଦର ନିର୍ମାଣକୁ ବିଳମ୍ବିତ କରୁଛି ଜମି ଅଧିଗ୍ରହଣ

ଭୁବନେଶ୍ୱର,୩୦।୩(ସମିସ): ଦେଶର ବିଭିନ୍ନ ରାଜ୍ୟରେ ଚାଲୁଥିବା ବିମାନବନ୍ଦର ନିର୍ମାଣ ଓ ବିସ୍ତାର କାର୍ଯ୍ୟରେ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ପାଲଟୁଛି। ଏହାସହ ଆବଶ୍ୟକ ଆଇନଗତ ଓ ପରିବେଶ ଅନୁମତି ମିଳିବାରେ ବିଳମ୍ବ, ପ୍ରକଳ୍ପ ସ୍ଥାନରେ ବର୍ଷା ଓ ଜଳଜମା ପରି ସମସ୍ୟା ସମଗ୍ର ପ୍ରକ୍ରିୟାକୁ ବିଳମ୍ବିତ କରୁଛି। ବିମାନବନ୍ଦର ନିର୍ମାଣରେ ବିଳମ୍ବ ସମ୍ପର୍କିତ ଏକ ପ୍ରଶ୍ନ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଉଠାଇଥିବାବେଳେ କେନ୍ଦ୍ର ସିଭିଲ୍ ଏଭିଏସନ୍ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ମୁରଲିଧର ମୋହୋଲ ଏହା କହିଛନ୍ତି। ସେ ଆହୁରୁ କହିଛନ୍ତି ଯେ ପ୍ରତ୍ୟେକ ପ୍ରକଳ୍ପର ସମାପ୍ତି ସମୟସୀମା ଅଲଗା ଭାବେ ନିର୍ଦ୍ଧାରଣ କରାଯାଉଛି। ଯାହା ପ୍ରକଳ୍ପର ଅଗ୍ରଗତି ଓ ସମସ୍ୟା ସମାଧାନ ଉପରେ ନିର୍ଭର କରୁଛି। ବିଳମ୍ବ କମାଇବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସିଭିଲ୍ ଏଭିଏସନ୍ ମନ୍ତ୍ରଣାଳୟ ଓ ଏୟାରପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ନିୟମିତ ଭାବରେ ପ୍ରକଳ୍ପର ସମୀକ୍ଷା କରାଯାଉଛି।

## ଘୋଡ଼ାନାଚ ଜରିଆରେ ଏକତା ଆଣିବାକୁ ପ୍ରୟାସ



ନନ୍ଦନକାନନ, ୩୦।୩(ସମିସ):ଉତ୍ତର ଭୁବନେଶ୍ୱର ପଦାସାହି ଭଗବତୀ ନଗର ଗାଁର ମହିଳାମାନେ ନିଜ ନିଜ ଭିତରେ ଏକତା ବଢ଼ାଇବା ପାଇଁ ଏକ ଭିନ୍ନ ପ୍ରୟାସ ଆପଣେଇଛନ୍ତି। ପୂର୍ବରୁ ଘୋଡାନାଚ ମାଧ୍ୟମରେ ବିଭିନ୍ନ ପ୍ରକାର ସାମାଜିକ, ପାରିବାରିକ, ସ୍ୱାସ୍ଥ୍ୟଗତ, ଭାଷାଗତ ଦିଗ ଗୁଡ଼ିକୁ ସହଜ ଓ ସରଳ ଭାବରେ ଜଣାଇବାରେ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଭାବେ ଘୋଡାନାଚ ଉଭା ହୋଇଥିଲା। ମନୋରଞ୍ଜନ କରି ଲୋକଙ୍କ ପାଖରେ ଓଡ଼ିଶାର ତଥା ଭାରତର ସଂସ୍କୃତି ଓ ପରମ୍ପରାକୁ ଏହି ଜରିଆରେ ବଖଣା ଯାଉଥିଲା। ଏହି ଆଧୁନିକ ଯୁଗରେ ଏହାର ଚାହିଦା କମି କମି ଯାଉଥିଲା ବେଳେ ଭଗବତୀ ନଗର ମହିଳା ମାନେ ଏକତ୍ରିତ ହେବାକୁ ପ୍ରୟାସ କରି ଘୋଡାନାଚକୁ ବାଛିଥିଲେ। ମହିଳାମାନଙ୍କ ଏକତା ଓ ଗାଁର ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିବର୍ଷ ଭଳି ଗ୍ରାମର ମା' ମଙ୍ଗଳା ମହିଳା ଗୋଷ୍ଠୀ ତରଫରୁ ୧୦ମ ବାର୍ଷିକ ଚୈତାଳି ଘୋଡାନାଚ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପାଖ ଖେଳ ପଡ଼ିଆରେ ସୋମବାର ପ୍ରଥମ ସନ୍ଧ୍ୟାରେ ପ୍ରଭୁ ଜଗନ୍ନାଥଙ୍କ ବନ୍ଦନାରୁ ଘୋଡାନାଚ ଆରମ୍ଭ ହୋଇଥିଲା। ଏହା ଆଖପାଖ ଗ୍ରାମର ଦର୍ଶକଙ୍କ ମନ ମୋହିଥିଲା। ଗ୍ରାମର ମନୋରମା ଭୋଇ, କୁନି ଭଞ୍ଜ, ପ୍ରତିମା ଭଞ୍ଜ, ସଖା ସାମଲ, ବାସନ୍ତୀ ଭୋଇ, ମିନତୀ ସାମଲ, ପାଲି ବେହେରା, ବୁଧି ଭୋଇ ପ୍ରମୁଖ ମହିଳାମାନେ ପରିଚାଳନା କରିଥିଲେ।

## ରାମଲୀଳାର ଚତୁର୍ଥ ସନ୍ଧ୍ୟାରେ 'ରାମ ବନବାସ'



ଯାଁଳା, ୩୦।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ ଐତିହାସିକ ରାମ ନାଟକ ପରିବେଷଣ କରାଯାଉଛି। ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିଚରିତ ରାମଲୀଳା ନାଟକରେ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନେ ଅଭିନୟ କରୁଛନ୍ତି। ସୋମବାର ଚତୁର୍ଥ ସନ୍ଧ୍ୟାରେ ରାମ ବନବାସ ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶ୍ରୀରାମଙ୍କ ପିତୃଭକ୍ତିକୁ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଥିଲା, ଯାହାକୁ ପାଳନ କରି ରାମଚନ୍ଦ୍ର ରାଜସିଂହାସନର ମୋହ ଛାଡ଼ି ବନଗମନ କରିଥିଲେ, ଶ୍ରଦ୍ଧାଳୁମାନେ ରାମଭକ୍ତିରେ ଗଦଗଦ ହୋଇ ଭାବ ବିହ୍ୱଳ ହୋଇପଡ଼ିଥିଲେ। କେତେକ ଭକ୍ତ ମଞ୍ଚ ନିକଟରେ କାନ୍ଦି ପକାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଜି ନାଟକରେ ବିଭିନ୍ନ ଭୂମିକାରେ ଭରତ ବାରିକ (ରାମ), ପ୍ରସନ୍ନ ପରିଡ଼ା (ସୀତା), ଶିବ ମଙ୍ଗରାଜ (ଲକ୍ଷ୍ମଣ), ରବୀନ୍ଦ୍ର ବାରିକ (ଦଶରଥ), ସଞ୍ଜୟ ପରିଡ଼ା (କୌଶଲ୍ୟା), ଅନୀଲ ମଙ୍ଗରାଜ (ମନ୍ଥରା), ପ୍ରମୋଦ ପ୍ରଧାନ (କୈକେୟୀ), ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ପୂଜା ସାମଗ୍ରୀ ଦୋକାନ

ଭୁବନେଶ୍ୱର, ୩୦।୩(ସମିସ): ସୋମବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ପଳାଶୁଣୀ ହାଟ ଆଗରେ ଥିବା ଗୋଟିଏ ପୂଜା ସାମଗ୍ରୀ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେତେବେଳକୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ନେବାରୁ ଜଣାପଡ଼ିଛି ଯେ ପଳାଶୁଣି ହାଟ ଆଗରେ ଥିବା ପୂଜା ସାମଗ୍ରୀ ଦୋକାନଟି ବିଳମ୍ବିତ ରାତ୍ରିରେ ଜଳିବା ଆରମ୍ଭ କରିଥିଲା। ସ୍ଥାନୀୟ ଲୋକେ ଦେଖି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ଓ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିଅନସିପ ଉଦଘାଟିତ

ଆଠଗଡ଼, ୩୦।୩(ସମିସ): ଖୋ-ଖୋ, ଓଡ଼ିଶା ସଂଘ ଆନୁକୂଲ୍ୟରେ ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିଅନସିପ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଦୁଇଟି ବର୍ଗରେ ଯଥା ବାଳକ ଓ ବାଳିକା ବିଭାଗର ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୦ରୁ ଅଧିକ ଦଳ ଏଥିରେ ଯୋଗଦାନ କରିଥିଲେ। ବାଳକ ବିଭାଗ ପ୍ରାରମ୍ଭିକ ମ୍ୟାଚ ହରିୟାଣା-ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ-ମଧ୍ୟପ୍ରଦେଶ, ଗୁଜୁରାଟ-ବିହାର, କର୍ଣ୍ଣାଟକ-ଓଡ଼ିଶା, ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ଖୋ-ଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଶିଳ୍ପୋଦ୍ୟୋଗୀ ସବ୍ୟସାଚୀ ମିଶ୍ର, ଉତ୍କଳ ଆନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରତ୍ୟୁଷ ବେହେରା, ସହ-ପ୍ରତିଷ୍ଠାତା ପ୍ରଗତି ବେହେରା, ଓଡ଼ିଶା କ୍ରୀଡା ସଂସଦର ସମ୍ପାଦକ ଜିଏସ୍ ପଟ୍ଟନାୟକ, ଆଠଗଡ଼ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା, ସ୍ୱେଚ୍ଛାସେବୀ ସଂଗଠନର ସଭାପତି ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଖୋ-ଖୋ ଭାରତ ସଂଘର ସଭାପତି ବିନୋଦ କୁମାର ସିଂ, ବରିଷ୍ଠ ଉପଦେଷ୍ଟା ସୁରେଶ ଶର୍ମାଙ୍କୁ ଓଡ଼ିଶା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ବିକ୍ରମ ବିକାଶ ରାୟସାମନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବୈଶାଖୀ ଉତ୍ସବ

ହଂସପାଳ, ୩୦।୩(ସମିସ): ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ୨୨ତମ ବୈଶାଖୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁପାଳଗଡ଼ ବିଜ୍ଞାନ ଗୁରୁକୁଳ ଆଶ୍ରମର ସ୍ୱାମୀଜୀ ଭଗବତ ନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାରତୀୟ ଜନତା ପାର୍ଟିର ଉପ ସଭାପତି ଗୋଲକ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ ଓ ଏହି ସଭାରେ ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଉତ୍କଳ ଶିକ୍ଷା ବିକାଶ ପରିଷଦର ଅଧ୍ୟକ୍ଷ ମଙ୍ଗୁଳି ଚରଣ ମହାନ୍ତି, ସମ୍ମାନିତ ଅତିଥି ସ୍ଥାନୀୟ କର୍ପୋରେଟର୍ ସୁକୁମାର ସାହୁ, ପ୍ରମୋଦ କୁମାର ଖୁଣ୍ଟିଆ ଓ ଡମ୍ବରୁଧର ଜେନା ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଗୁରୁମା ଅନପୂର୍ଣ୍ଣା ଜେନା ଧନ୍ୟବାଦା ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ ବିଶ୍ୱଭୂଷଣ ବାରିକ, ମମତା ସାମଲ, ମଧୁସ୍ମିତା ରାୟ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲା ବେଳେ ଗୁରୁମା ନମିତା ବେହେରାଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ସୋଆକୁ ସମ୍ମାନ




ଭୁବନେଶ୍ୱର, ୩୦।୩(ସମିସ): ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନ ପ୍ରଦାନ କରାଯାଇଛି। ଏହାସହ ଶୈକ୍ଷିକ ଓ ନେତୃତ୍ୱ କ୍ଷେତ୍ରରେ ଉତ୍କୃଷ୍ଟତା ନିମନ୍ତେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ମଧ୍ୟ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। କୋଲକାତା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟ ଏବଂ କୁଳପତି ପ୍ରଫେସର ନନ୍ଦଙ୍କୁ ଗ୍ରାଜିଆ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବଲିଉଡ୍ ତାରକା ରସିକା ଦୁଗଲ, ପରମବ୍ରତ ଚାଟ୍ଟାର୍ଜୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଗ୍ରାଜିଆ ସମ୍ମାନ ପ୍ରଦାନ କରିଥିଲେ।

## ତ୍ରିଶୂଳିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

ତ୍ରିଶୂଳିଆ, ୩୦।୩(ସମିସ): ବାରଙ୍ଗ ତ୍ରିଶୂଳିଆ ବସ୍‌ଷ୍ଟାଣ୍ଡ ପରିସରରେ ସୋମବାର ସନ୍ଧ୍ୟାରେ ବାଙ୍କୀ କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ କ୍ରସ୍ ଭୋଟିଂ ଓ ରାଜନୈତିକ ଆଦର୍ଶକୁ

**କ୍ରସ୍ ଭୋଟିଂକୁ ନେଇ ବର୍ଷିଲେ ଦେବାଶିଷ**




ନେଇ କଡ଼ା ସମାଲୋଚନା କରିଛନ୍ତି। ବିଜୁ ଲିଗାସି ନାମରେ ବାଙ୍କୀବାସୀଙ୍କ ସ୍ୱାର୍ଥ ସହ ଖେଳାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଡ. ପଟ୍ଟନାୟକ ନିଜ ଅଭିଭାଷଣରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ତାଙ୍କ ପିତା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବିଗତ ଦିନର କାର୍ଯ୍ୟକଳାପକୁ ନେଇ ବର୍ଷିଥିଲେ। ବିଶେଷ କରି ଚିଟଫଣ୍ଡ ଦୁର୍ନୀତି ଏବଂ ବାରମ୍ବାର କ୍ରସ୍ ଭୋଟିଂ କରି ଦଳୀୟ ଅନୁଶାସନ ଭଙ୍ଗ କରିବା ଭଳି ପ୍ରସଙ୍ଗ ଉଠାଇ ସେ ତୀବ୍ର ନିନ୍ଦା କରିଥିଲେ। ବାଙ୍କୀର ବିକାଶ ପରିବର୍ତ୍ତେ ନିଜସ୍ୱ ସ୍ୱାର୍ଥର ଖେଳ ଚାଲିଥିବା କହି କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଓଡ଼ିଶା ଜନତା କଂଗ୍ରେସର ମହିଳା ନେତୃତ୍ୱ ସମ୍ମିଳନୀ

ଭୁବନେଶ୍ୱର, ୩୦।୩(ସମିସ): ଓଡ଼ିଶା ଜନତା କଂଗ୍ରେସ ପାର୍ଟି ତରଫରୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରରେ ମହିଳା ନେତୃତ୍ୱ ସମ୍ମିଳନୀ କରାଯାଇଛି। ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା



ନେତୃତ୍ୱମାନଙ୍କୁ ନେଇ ସ୍ଥାନୀୟ ରୋଟାରୀ ଭବନରେ ମହିଳା ସମ୍ମିଳନୀ ଆୟୋଜନ ହୋଇଛି। ଏଥିରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ସହିତ ପ୍ରତି ୱାର୍ଡସ୍ତରରେ କିଭଳି ଭାବେ ମହିଳାମାନେ ନେତୃତ୍ୱ ନେବେ ଏବଂ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଯେଉଁ ବିଚାର ଓଡ଼ିଶାର ଉନ୍ନତି ପାଇଁ ଏବଂ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ଓ ମହିଳାମାନଙ୍କୁ ରୋଜଗାରକ୍ଷମ କରିବା, ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର, ଅପରାଧକୁ ରୋକିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ସଙ୍ଗୀତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ସମ୍ମଳନୀରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମୁଖ୍ୟ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା, ସମ୍ମାନ, ଅଧିକାର ଏବଂ ରୋଜଗାର, ନ୍ୟାୟ ଦେବାପାଇଁ ପାର୍ଟି ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପାର୍ଟି ଓଡ଼ିଶାର ସବୁ ବର୍ଗର ଲୋକମାନଙ୍କ ପାଇଁ କାମ କରିବ ବୋଲି କହିବା ସହ ସମ୍ମାନିତ ଅତିଥି ଭାବେ ଶୈଳବାଳା ଜେନା ଯୋଗଦେବା ସହିତ ଅନୀତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଯୁବନେତା ସୋମନାଥ ରାଉତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

### ମାନବାଧିକାର କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଜମି ମାପ ପୂର୍ବରୁ ପାଚେରି ଭଙ୍ଗା ବେଆଇନ

କଟକ, ୩୦।୩(ସମିସ): ରାଜ୍ୟରେ ପ୍ରଶାସନିକ କ୍ଷମତାର ଅପବ୍ୟବହାର ଏବଂ ସାଧାରଣ ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା ଘଟଣାରେ ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି) ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଠଗଡ଼ ଅଞ୍ଚଳର ଏକ ଜମି ସୀମା ନିର୍ଦ୍ଧାରଣ ବିବାଦରେ ଜଣେ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର କରାଯିବା ସହ ବେଆଇନ ଭାବେ ତାଙ୍କ ପାଚେରୀ ଭାଙ୍ଗିବା ଘଟଣାର ଶୁଣାଣି କରି କମିଶନ ପୀଡ଼ିତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସିଭିଲ୍ ବା ଦେୱାନୀ ବିବାଦରେ ପୁଲିସର ଅଯଥା ହସ୍ତକ୍ଷେପକୁ ନେଇ କମିଶନ ଘୋର କ୍ଷୋଭ ପ୍ରକାଶ କରିବା ସହ ଭବିଷ୍ୟତ ପାଇଁ ସତର୍କ କରାଇ ଦେଇଛନ୍ତି।

ସାମରିକ ଅଧିକାରୀ କୌଶିକ କାନୁନଗୋଙ୍କ ପତ୍ନୀ ପ୍ରତୀକ୍ଷା କାନୁନଗୋଙ୍କ ମାଲିକାନାରେ ଥିବା ଆଠଗଡ଼ ତହସିଲ ଅନ୍ତର୍ଗତ 'ସୌରିଆ' ମୌଜାର ଜମିକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ଏହି ଜମିର ପାୱାର୍ ଅଫ୍ ଆଟର୍ଣ୍ଣି ହୋଲଡର ତଥା ବରିଷ୍ଠ ନାଗରିକ ଅବନୀ କୁମାର କାନୁନଗୋଙ୍କ ବିରୋଧରେ ପଡ଼ୋଶୀ ଜମି ମାଲିକ ବିବେକାନନ୍ଦ ବେହେରା ତହସିଲଦାରଙ୍କ ନିକଟରେ ସୀମା ନିର୍ଦ୍ଧାରଣ ପାଇଁ ଆବେଦନ କରିଥିଲେ। ତହସିଲଦାରଙ୍କ କାର୍ଯ୍ୟାଳୟରେ ଏହି ମାମଲା (କେସ ନଂ. ୫୦/୨୦୨୪) ବିଚାରାଧୀନ ଥିବା ବେଳେ ଶ୍ରୀ କାନୁନଗୋ ନିଜର ଆପତ୍ତି ଦାଖଲ କରିଥିଲେ। ମାତ୍ର

**■ ଜମିଜମା ବିବାଦରେ ପୁଲିସର ହସ୍ତକ୍ଷେପକୁ ନେଇ ପ୍ରଶ୍ନବାଚୀ**
**■ ବରିଷ୍ଠ ନାଗରିକଙ୍କୁ କ୍ଷତିପୂରଣ ଦେବାକୁ ଓଏଚଆରସିଙ୍କ ନିର୍ଦ୍ଦେଶ**
**■ ପୁଲିସ ଓ ରାଜସ୍ୱ ବିଭାଗର ମନମୁଖୀ କାର୍ଯ୍ୟାନୁଷ୍ଠାନକୁ କମିଶନଙ୍କ ଭର୍ତ୍ସନା**

ଆଶ୍ଚର୍ଯ୍ୟର ବିଷୟ ହେଉଛି, ମାମଲାର ଶୁଣାଣି ନ କରି କିମ୍ବା କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଗତ ୨୦୨୫ ଏପ୍ରିଲ ୯ ତାରିଖରେ ସ୍ଥାନୀୟ ଗୁରୁଡ଼ିଝାଟିଆ ପୁଲିସ ଏବଂ ରାଜସ୍ୱ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶ୍ରୀ କାନୁନଗୋଙ୍କ ପାଚେରୀକୁ ଭାଙ୍ଗି ଦେଇଥିଲେ। ଜଣେ ବରିଷ୍ଠ ନାଗରିକଙ୍କୁ ସର୍ବସାଧାରଣରେ ଅପମାନିତ ଓ ନିର୍ଯାତିତ କରାଯାଇଥିବା ନେଇ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। କମିଶନ ଏହି ମାମଲାକୁ ଗମ୍ଭୀରତାର ସହ ଅନୁଧ୍ୟାନ କରି କହିଛନ୍ତି ଯେ, ଆଠଗଡ଼ ତହସିଲଦାର ଏହି ଘଟଣାରେ ନିଜର 'କ୍ୱାସି-ଜୁଡିସିଆଲ୍' ଦାୟିତ୍ୱ ନିର୍ବାହ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପକ୍ଷମାନଙ୍କୁ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏବଂ ମୌଜାର ସ୍କେଚ୍ ମ୍ୟାପ୍ ଚୂଡ଼ାନ୍ତ ନ ହେଉଣୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ଆଇନ ବିରୋଧୀ। ପ୍ରାକୃତିକ ନ୍ୟାୟର ନୀତିକୁ ବଳି ଦିଆଯାଇ କେଉଁ ଆଧାରରେ ପ୍ରଶାସନ ପାଚେରୀ ଭାଙ୍ଗିବାକୁ ନିଷ୍ପତ୍ତି ନେଲା, ସେ ନେଇ କମିଶନ ପ୍ରଶ୍ନ ଉଠାଇଛନ୍ତି।

ଏଥି ସହ ପୁଲିସର କାର୍ଯ୍ୟଶୈଳୀକୁ ନେଇ କମିଶନ ସବୁଠାରୁ କଡ଼ା ମନ୍ତବ୍ୟ ଦେଇଛନ୍ତି। କମିଶନଙ୍କ କହିବା ଅନୁଯାୟୀ, ଦେୱାନୀ ବିବାଦ ବା ଜମିବାଡ଼ି ମାମଲାର ସମାଧାନ କରିବା ପାଇଁ ପୁଲିସର କୌଣସି କ୍ଷମତା ନାହିଁ। ପୁଲିସର କାମ କେବଳ ଆଇନଶୃଙ୍ଖଳା ରକ୍ଷା କରିବା। ମାତ୍ର ଏହି କ୍ଷେତ୍ରରେ ପୁଲିସ କର୍ତ୍ତୃପକ୍ଷ ନିଜ ସୀମା ଲଂଘି ସରକାରୀ ପ୍ରଭାବରେ ଜଣେ ବ୍ୟକ୍ତିଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି। ସମ୍ପତ୍ତିର ଅଧିକାର ମାନବାଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ ଏଭଳି ଦମନମୂଳକ କାର୍ଯ୍ୟକୁ ଗ୍ରହଣ କରାଯାଇପାରିବ ନାହିଁ।

ଶେଷରେ କମିଶନ ଆଠଗଡ଼ ଉପ-ଜିଲ୍ଲାପାଳଙ୍କୁ ଜଣେ ଦକ୍ଷ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଛେଦ ଯୋଗୁଁ ଶ୍ରୀ କାନୁନଗୋଙ୍କର ଯେଉଁ ଆର୍ଥିକ କ୍ଷତି ହୋଇଛି ଏବଂ ତାଙ୍କୁ ଯେଉଁ ମାନସିକ ଯନ୍ତ୍ରଣା ଦିଆଯାଇଛି, ତାହାର ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ସୁପାରିଶ କରାଯାଇଛି। କଟକ (ଗ୍ରାମାଞ୍ଚଳ) ଏସପି ଏବଂ ଆଠଗଡ଼ ତହସିଲଦାରଙ୍କୁ ଏହି ଆଦେଶର ନକଲ ପଠାଯାଇ ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ସତର୍କ କରାଇ ଦିଆଯାଇଛି। ଏହି ରାୟ ପରେ ପ୍ରଶାସନିକସ୍ତରରେ ହଟଚମଟ ସୃଷ୍ଟି ହୋଇଛି।

## ସାଲେପୁର କଲେଜରୋଡ୍ ମାର୍କେଟ୍ କମ୍ପ୍ଲେକ୍ସ

# ବିପଜ୍ଜନକ ଅବସ୍ଥାରେ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଘର

**ସାଲେପୁର, ୩୦।୩(ସମିସ)**




ସାଲେପୁର କଲେଜରୋଡ୍ ସ୍ଥିତ ବ୍ଲକ ପରିସରରେ ନିର୍ମିତ ବହୁ ପ୍ରତିକ୍ଷିତ ମାର୍କେଟ୍ କମ୍ପ୍ଲେକ୍ସ ଏବେ ମରଣଯନ୍ତା ପାଲଟିଛି। ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଦୁଇ ମହଲା ବିଶିଷ୍ଟ କୋଠାରେ ଥିବା ୪୦ରୁ ଅଧିକ ଦୋକାନ ଘର ଏବେ ଅତ୍ୟନ୍ତ ବିପଦଜନକ ପରିସ୍ଥିତିରେ ରହିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ଦୋକାନ ଗୁଡ଼ିକରୁ ମାସିକ ପ୍ରାୟ ୫୦ ହଜାର ଟଙ୍କାରୁ ଅଧିକ ଭଡ଼ା ଆଦାୟ ହେଉଥିଲେ ମଧ୍ୟ ଚନ୍ଦ୍ରାଦେଇପୁର ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କୋଠାର ଛାତରୁ କଂକ୍ରିଟ୍ ଖଣ୍ଡ ଖସିବା ସହ କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ଏଠାରେ ବ୍ୟବସାୟ କରୁଥିବା ଲୋକେ ଏବଂ ଗ୍ରାହକମାନେ ପ୍ରତି ମୁହୂର୍ତ୍ତରେ ଭୟ ମଧ୍ୟରେ ରହିଛନ୍ତି।

ଏହି ଦୋକାନ ଘର ବଣ୍ଟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରୀ ନିୟମ ଅନୁଯାୟୀ, ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ମହିଳା ସ୍ୱୟଂ ସହାୟକ ଗ୍ରୁପ୍, ଭିନ୍ନକ୍ଷମ ଏବଂ କୌଳିକ ବୃତ୍ତି କରୁଥିବା ଅସହାୟ ବ୍ୟକ୍ତିଙ୍କୁ ଏହି ଘର ପ୍ରଦାନ କରାଯିବାର ଥିଲା। ମାତ୍ର ଅଭିଯୋଗ ହୋଇଛି ଯେ, ବହୁ ହିତାଧିକାରୀ ଜାଲ କାଗଜପତ୍ର ଦାଖଲ କରି ଘର ହାତେଇବାରେ ସଫଳ ହୋଇଛନ୍ତି। ଏପରିକି ଗୋଟିଏ ପରିବାରର ଏକାଧିକ ସଦସ୍ୟ ବିଭିନ୍ନ ନାମରେ ଏହି ସରକାରୀ ଦୋକାନ ଘର ପାଇଥିବା ବେଳେ ବାହାର ଲୋକେ ଏହି ଘରକୁ ନେଇ ବ୍ୟବସାୟ ଚଳାଇଛନ୍ତି। କିଛି ବର୍ଷ ତଳେ ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସୂଚନା ଅନୁଯାୟୀ, ୨୦୦୨ ମସିହାରେ ସ୍ୱର୍ଗତ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ସମୟରେ ବିଧାୟକ, ସାଂସଦ ଓ ଜିଲ୍ଲା ପରିଷଦ ଅନୁଦାନରେ ଏହି କୋଠା ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ଧରି ଏହା ତାଲା ପଡ଼ି ରହିବା ଏବଂ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହାର ପୁନଶ୍ଚ ମରାମତି କରାଯାଇଥିଲେ ମଧ୍ୟ ତାହା କେବଳ ଧୂଆଁବାଣ ସଦୃଶ ହୋଇଛି। ବର୍ତ୍ତମାନ ଚନ୍ଦ୍ରାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଠିକ୍ ସମୟରେ ଭଡ଼ା ମିଳୁ ନ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ସରକାରଙ୍କ ଆତ୍ମନିଯୁକ୍ତି ଯୋଜନାକୁ ଉପହାସ କରୁଥିବା ଏହି ମାର୍କେଟ୍

- **ଭଡ଼ା ଆଦାୟ ହେଉଛି ଲକ୍ଷ ଲକ୍ଷ, ହେଲେ ମରାମତି ନାହିଁ**
- **ବେନିୟମ ବଣ୍ଟନ ଓ ଜାଲିଆତି ଅଭିଯୋଗ**
- **ପ୍ରଶାସନିକ ଉଦାସୀନତା ଯୋଗୁଁ ଘଟିପାରେ ବଡ଼ ଦୁର୍ଘଟଣା**

କମ୍ପ୍ଲେକ୍ସର ପୁନଃ ତଦନ୍ତ କରିବା ସହ ବିପଦଜନକ କୋଠାର ମରାମତି ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରବୀର ଚନ୍ଦ୍ର ଦାସଙ୍କ ଭଳି ବ୍ୟକ୍ତିବିଶେଷ ଦାବି କରିଛନ୍ତି। ଯଦି ପ୍ରଶାସନ ଶୀଘ୍ର ଚେତିବ ନାହିଁ, ତେବେ କୌଣସି ଅଘଟଣ ପାଇଁ ବ୍ଲକ ପ୍ରଶାସନ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

### କଟକ ସଦର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

## ୫୨ଟି ଅଭିଯୋଗ ପଞ୍ଜିକୃତ



**କନ୍ଦରପୁର, ୩୦।୩(ସମିସ):** କଟକ ସଦର ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ସମସ୍ୟାକୁ ନେଇ ସମୁଦାୟ ୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲାପାଳ ଶିବିରରେ ମାତ୍ର ସ୍ୱଳ୍ପ ସମୟ ରହି ପଳାଇ ଯାଇଥିବାରୁ ଦୂରଦୂରାନ୍ତରୁ ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଯୁଗ୍ମ ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଦର ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଏବଂ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କେତେକର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି।

## ଉତ୍କଳ ପକ୍ଷ ପାଳନ ଓ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ



**ନିଶ୍ଚିନ୍ତକୋଇଲି, ୩୦।୩(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଉତ୍କଳ ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ନିର୍ଭୁଲ ଓଡ଼ିଆଭାଷା ଲିଖନ ପଠନ ଓ କଥନ ପାଇଁ କବିତା, ପ୍ରବନ୍ଧ ଓ ଗଳ୍ପ ପ୍ରତିଯୋଗିତା କରାଯାଇ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅଧ୍ୟକ୍ଷ ପ୍ରମୋଦ ଦାସ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ହରେକୃଷ୍ଣ ମହତାବ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣାଚାର୍ଯ୍ୟ ଅଧ୍ୟାପକ ପ୍ରସାଦ ନାୟକ, ଅଧ୍ୟାପିକା ଅଞ୍ଜୁଶ୍ରୀ ଖଣ୍ଡାୟୀ, ସ୍ୱର୍ଣ୍ଣପ୍ରଭା ଜେନା, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ତନ୍ମୟ ଦାସ, ସୁଦୀପ୍ତ ସ୍ୱାଇଁ, ଅନୀଲ ସାହୁ, ଅଜୟ ଜେନା ପ୍ରମୁଖ ଯୋଗଦେଇ ଉତ୍କଳ ପକ୍ଷ ପାଳନର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରି ନିଜ ଭାଷା ସାହିତ୍ୟ, ସଂସ୍କୃତ ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଶିଷ ନାୟକ ଧନ୍ୟବାଦ ଦେଇଥିଲେ।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**କଟକ, ୩୦।୩(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହେବା ଘଟଣାରେ ମାଲଗୋଦାମ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ମଙ୍ଗଳାବାଗ ଥାନା ଅନ୍ତର୍ଗତ ତଳ ତେଲିସାହି ଜଗନ୍ନାଥ ମନ୍ଦିର ପାଖରେ ରହୁଥିବା ଗୁନ ଓରଫ ଗୁରୁପ୍ରସାଦ ସେଠୀ (୨୦)। ତାକୁ ଆଜି କୋର୍ଟଚାଲାଣ କରାଯାଇଛି। ରାଣୀହାଟ ତେଲିସାହିର ପୁଷ୍ପଲତା ସାହୁ ଅଭିଯୋଗ କରିଥିଲେ ଯେ, ଗତ ୧୨ ତାରିଖ ସନ୍ଧ୍ୟାରେ ତାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତ ଗୁନ ମରଣାନ୍ତକ ଆକ୍ରମଣ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାଣୀହାଟ ପୋଲ ପାଖ ଏକ ପାନ ଦୋକାନ କଡରେ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ପୁଷ୍ପଲତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୁଲିସ ସହଯୋଗରେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଅଭିଯୋଗ ଆଧାରରେ ମାଲଗୋଦାମ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣା ପରଠୁ ଅଭିଯୁକ୍ତ ଗୁନ ଫେରାର ହୋଇଯାଇଥିଲା। ରବିବାର ରାତିରେ ସେ ଘରେ ଥିବା ବିଷୟ ଜାଣି ମାଲଗୋଦାମ ଥାନା ପୁଲିସ ସେଠାରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବି

**ଟାଙ୍ଗୀ, ୩୦।୩(ସମିସ):** ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଟିକେରା କ୍ୟାମ୍ପସ



ପରିସରରେ ମଧୁପ୍ରେମୀଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ମଧୁବାବୁ ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସେ ଅନେକ ସଂଗ୍ରାମ କରିଥିଲେ। ସେଥିପାଇଁ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ନିହାତି ଆବଶ୍ୟକ। ଏହି ଅବସରରେ ଉତ୍କଳ ଦିବସରେ ମଧୁପ୍ରେମୀଙ୍କ ଦ୍ୱାରା ଟାଙ୍ଗୀ ଚୌଦ୍ୱାର ବ୍ଲକ ପାଖରୁ ଚାରିଶହ ଯୁବକ ଦୁଇଶହ ବାଇକରେ ଶୋଭାଯାତ୍ରା କରି ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚି ମାଲ୍ୟାର୍ପଣ କରିବେ। ଏଥି ସହ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ତୈଳିକ ବୈଶ୍ୟ ସମାଜର ସାଧାରଣ ଅଧିବେଶନ

**ତିଗିରିଆ, ୩୦।୩(ସମିସ):** ତିଗିରିଆ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୧୦୫ ତମ ବାର୍ଷିକ ସାଧାରଣ ଅଧିବେଶନ ରବିବାର ଏହି ବ୍ଲକ ଅଧୀନ ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ମା ଡାଳଖାଇଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତୈଳିକ ବୈଶ୍ୟ ସମାଜର ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ରମେଶ ସାହୁ ସର୍ବପ୍ରଥମେ ବାର୍ଷିକ ବିବରଣୀ ପଠନ କରିଥିଲେ। ରାଜ୍ୟ ବୈଠକ ନିଷ୍ପତ୍ତି କ୍ରମେ ସଭାପତି ଭାବେ ମହେନ୍ଦ୍ର ସାହୁ, ଉପସଭାପତି ଭାବେ ଦୁର୍ଗାପ୍ରସାଦ ସାହୁ, ସଦର ଭାବେ ବସନ୍ତ ସାହୁ, ସମ୍ପାଦକ ରମେଶ ସାହୁ, ସହ ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ମହାଦେବ ସାହୁ, ଶିକ୍ଷା କମିଟି ସଭ୍ୟ ତପନ ସାହୁ, ନୀତି ନିର୍ଦ୍ଧାରଣ କମିଟି ସଭ୍ୟ ନାରାୟଣ ସାହୁ, ସାଧାରଣ ସଭ୍ୟ ଭାବେ ଭଗବାନ ସାହୁ, ଜଗତ ଜୀବନ ସାହୁ ପ୍ରମୁଖଙ୍କୁ ଚଳିତ ବର୍ଷ ପାଇଁ ମନୋନୀତ କରାଯାଇଛି। ଏଥିସହିତ ସପ୍ତ ରାଜ୍ୟର ଉପ ସଭାପତି ଭାବେ ଦିଲ୍ଲୀପ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ରାଜ୍ୟର ସମସ୍ତ ନୂତନ ମନୋନୀତ ପଦାଧିକାରୀଙ୍କୁ ଉପସ୍ଥିତ ସଦସ୍ୟମାନେ ଅଭିନନ୍ଦନ ଜଣାଇଥିଲେ।

## ପ୍ରବେଶ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

**ନରସିଂହପୁର, ୩୦।୩(ସମିସ):** ନରସିଂହପୁର ବ୍ଲକ ଅଧୀନ ବାଲିସାହି ସ୍ଥିତ ପିଏମ୍ ଶ୍ରୀ ମୁକ୍ତାନାଥ ନୋଡାଲ ବିଦ୍ୟାପୀଠରେ ମଧ୍ୟ ପ୍ରବେଶ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ହେଉଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ ମଦନମୋହନ ବେହେରା ଓ ସହକାରୀ ଶିକ୍ଷକ ଅରୁଣ ବେହେରା ମିଶି ବାଲିସାହି ଓ ନୂଆଗାଁ ଗ୍ରାମକୁ ଯାଇ ଅଭିଭାବକଙ୍କ ସହ ସାକ୍ଷାତ କରି ଶିଶୁମାନଙ୍କୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି କରାଇବା ପାଇଁ ଆମନ୍ତ୍ରଣ ଜଣାଇଥିଲେ ଏବଂ ସ୍ୱାଗତ ସନ୍ଦେଶ ପତ୍ର ହସ୍ତାନ୍ତର କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମେଡ଼ିକାଲ ନେଲେ ପୂର୍ବତନ ବିଧାୟକ

**ସାଲେପୁର, ୩୦।୩(ସମିସ):** ସାଲେପୁର ଥାନା କେନ୍ଦୁପାଟଣା ନିକଟରେ ରାଜନଗରରୁ ଭୁବନେଶ୍ୱର ଯାଉଥିବା ବାଟରେ କେନ୍ଦୁପାଟଣା ଛକ ନିକଟ କେନାଲରାସ୍ତାରେ ଏକ ଅଜଣା ବ୍ୟକ୍ତି ମୋଟର ସାଇକେଲ୍ ଦୁର୍ଘଟଣା ହୋଇ ପଡ଼ିରହିଥିବାବେଳେ ରାଜନଗରର ପୂର୍ବତନ



ବିଧାୟକ ଅଂଶୁମାନ ମହାନ୍ତି ହଠାତ୍ ସେଠାରେ ପହଞ୍ଚି ତାଙ୍କ ଗାଡ଼ିରୁ ଓହ୍ଲାଇ ନିଜ ଗାଡ଼ିରେ ଏହି ଆହତ ବ୍ୟକ୍ତିଙ୍କୁ ନିଶ୍ଚିନ୍ତକୋଇଲି ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ସିଏଚ୍‌ସିରେ ଉପଯୁକ୍ତ ଚିକିତ୍ସା ନ ହୋଇପାରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହ ଆଲୋଚନା କରି କଟକ ବଡ଼ ମେଡ଼ିକାଲକୁ ପଠାଇଥିବା ଜଣାପଡ଼ିଛି। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ହଠାତ୍ ରାସ୍ତାରୁ ଓହ୍ଲାଇ ଏହି ଗୁରୁତର ଲୋକଙ୍କୁ ନିଜ ଗାଡ଼ିରେ ନେଇ ମେଡ଼ିକାଲରେ ପହଞ୍ଚାଇବା ଘଟଣା ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

## ରାମଲୀଳା ନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ



**ଆଠଗଡ଼, ୩୦।୩(ସମିସ):** ଆଠଗଡ଼ ବ୍ଲକ ଅଧୀନ ସଠିଲୋ-ବାସୁଦେବପୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ରାମଲୀଳା ନାଟ୍ୟ ପରିଷଦର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଚଳିତ ବର୍ଷ ଗ୍ରାମର ଉପକଣ୍ଠରେ ଶ୍ରୀ ରାମଚନ୍ଦ୍ରଙ୍କର ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବା ସହିତ ଗ୍ରାମରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାମଲୀଳା ନାଟ୍ୟ ପରିଷଦର ପୁରାତନ କାର୍ଯ୍ୟକର୍ତ୍ତା ଓ କଳାକାରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସବୁ ବର୍ଷ ପରି ଗ୍ରାମର ଉତ୍ସାହୀ ଯୁବକ ଓ ମାନସିକଧାରୀ ମାନେ ପବିତ୍ର ଶ୍ରୀ ରାମନବମୀ ଠାରୁ ଗୃହତ୍ୟାଗ କରି ନବନିର୍ମିତ ଶ୍ରୀରାମ ମନ୍ଦିର ବ୍ରତ ପାଳନ ଶୁଭାରମ୍ଭ କରିଥିଲେ। ଏହି ସମୟରେ ସାମୂହିକ ହବିଷାନ୍ନ ପଂକ୍ତି ଭୋଜନ ସହ ବୈଠକି ରାମଲୀଳା ଓ ରାମାୟଣ ପାଠ କରାଯାଇଥାଏ। ରାତ୍ରିରେ ନୃତ୍ୟାଭିନୟ ଅନୁଷ୍ଠିତ ହେଉଥିବା ବେଳେ ରବିବାର ପରିଷଦ ପକ୍ଷରୁ ସୀତାହରଣ ନୃତ୍ୟାଭିନୟ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ସମଗ୍ର ଗ୍ରାମରେ ଆମିଷ, ମଦ ନିଷେଧ ହୋଇଥାଏ। ଚଳିତ ବର୍ଷ ନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇପଡ଼ିବା ସହିତ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ବୋଲି ପରିଷଦର ସଭାପତି ଚକ୍ରଧର ଗୋଛି, ସମ୍ପାଦକ ସୂର୍ଯ୍ୟମଣୀ ପରିଡ଼ା ପ୍ରମୁଖ ସୂଚନା ଦେଇଛନ୍ତି। ପୂର୍ବତନ ସରପଞ୍ଚ ମିଥୁନ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ସମିତିସଭ୍ୟ ସୁବାସ ପାଳ, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ପରିଡ଼ା ପ୍ରମୁଖ କାର୍ଯ୍ୟ ସଂଯୋଜନା କରିଥିଲେ।

## ନମ୍ବର-୧ ତନ୍ତୁବାୟ ସହଯୋଗ ସମିତିର ସାଧାରଣ ସଭା



**ତିଗିରିଆ, ୩୦।୩(ସମିସ):** ତିଗିରିଆ ବ୍ଲକ ନୂଆପାଟଣା ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିମିଟେଡ୍‌ର ୭୭ ତମ ବାର୍ଷିକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି କେଶବ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱ ଓ ସମ୍ପାଦକ ହେମନ୍ତ କୁମାର କୁଣ୍ଡୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ସମବାୟ ସମିତି ସମୂହର ଉପ-ସହକାରୀ ନିବନ୍ଧକ ଅବିନାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ଅର୍ଜ୍ଜୁନ ସୁବୁଦ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସମ୍ପାଦକ ଶ୍ରୀ କୁଣ୍ଡୁ ବାର୍ଷିକ ବିବରଣୀ ସହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ପଞ୍ଜିକୃତ ବୁଣାକାରମାନେ ସରକାରୀ ଯୋଜନାରୁ ବଞ୍ଚିତ ହେବା, ପରିଚୟ ପତ୍ର ନମିଳିବା ଏବଂ ଗୃହ ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶି ମିଳିବାରେ ବିଳମ୍ବ ହେବା ନେଇ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକ ପାଟବସ୍ତ୍ର ଉତ୍ପାଦନ ପାଇଁ ସୁଦର୍ଶନ ତୋଷ, ବିଶ୍ୱନାଥ ତୋଷ, ବେଣୁଧର ବେହେରା ଓ ଯୋଗିନାଥ ବର୍ଦ୍ଧନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ନୂତନ ଡିଜାଇନ୍ ପାଇଁ ଶରତ କୁମାର ବେହେରାଙ୍କ ସମେତ ଅନ୍ୟ ୧୭ ଜଣ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବୟନ ତତ୍ତ୍ୱାବଧାରକ ଟୁନି ମେହେର, ସୁକାନ୍ତ ପରିଡ଼ା, ଚକ୍ରଧର କଟୁଆଳ ଓ ଅର୍ଜ୍ଜୁନ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୁଣାକାରଙ୍କ ଉନ୍ନତି ପାଇଁ ସମିତି ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

## ବନବାସ ବେଶରେ ଦର୍ଶନ ଦେଲେ ଦାରୁ ରଘୁନାଥଜୀଉ

**ତିଗିରିଆ, ୩୦।୩(ସମିସ):** ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମ ନବମୀ ପର୍ବର ଆଜି ଚତୁର୍ଥ ଦିନରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ବନବାସ ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଚତୁର୍ଥ ଦିବସରେ ବଡମ୍ବା, ବାଙ୍ଗରସିଂହା ରାମ ମନ୍ଦିର ସାହି ଶ୍ରୀ ଶ୍ରୀ ରଘୁନାଥଜୀଉ ରାମ ନାଟ୍ୟ ସଂସଦ ପକ୍ଷରୁ ଇନ୍ଦ୍ରଜିତବଦ୍ଧ ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।



## ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକାଙ୍କ ବିଦ୍ୟାଳୟ ପରିଦର୍ଶନ



**କନ୍ଦରପୁର, ୩୦।୩(ସମିସ):** ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗୋପାଳ ସ୍ମୃତି ବିଦ୍ୟାପୀଠକୁ ପରିଦର୍ଶନ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ତାପସ ରାଉତରାୟ ସ୍ୱାଗତ କରିବା ସହ ସ୍କୁଲର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସଦର ଅଞ୍ଚଳର ସର୍ବପୁରାତନ ଏହି ବିଦ୍ୟାପୀଠରେ ୫-ଟି କାର୍ଯ୍ୟ ଅଦ୍ୟାବଧି ସରି ନ ଥିବା, ଦୀର୍ଘ ବର୍ଷ ହେବ ପ୍ରଧାନଶିକ୍ଷକ ପଦ ଖାଲିଥିବା ଇତ୍ୟାଦି ଅବସ୍ଥା ଦେଖି ପ୍ରତିନିଧିମଣ୍ଡଳୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଖୁବଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯାଇ ଶୈକ୍ଷିକ ବାତାବରଣ ସହିତ ବିଭିନ୍ନ ଅଭାବ ଅସୁବିଧା ପୂରଣ କରାଯିବ ବୋଲି ଶ୍ରୀମତୀ ସାହୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଟିମରେ କଟକ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ରାଜ୍ୟ ପ୍ରୋଗ୍ରାମର ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ଜିଲ୍ଲା ପ୍ରୋଗ୍ରାମର ହୀରାମଣି ମହାନ୍ତି, ଟିସି ବାରଙ୍ଗ ପ୍ରଣତି ନାୟକଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ। ଏହି ପରିଦର୍ଶନ ସମୟରେ ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ମମତାମୟୀ ବାରିକ, ଶୁଭଶ୍ରୀ ଭୋଇ, ମମତା ବେହେରା, ଦୁର୍ଗେଶ ନନ୍ଦିନୀ ବେହେରା, ଜିଜ୍ଞାସା ପ୍ରିୟଦର୍ଶିନୀ, ସୁପ୍ରିୟା ହରିଚନ୍ଦନ, ଅତିଥି ଶିକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀ, କିରାଣୀ ଆଶୁତୋଷ ସାହୁ, ପୁରାତନ ଛାତ୍ର ତପନ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଶ୍ରୀମତୀ ସାହୁ ଏହି ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରୁଥିବାବେଳେ ହିଁ ଏହି ବିଦ୍ୟାପୀଠକୁ 'ପୋଷ୍ୟ ସ୍କୁଲ' ଭାବରେ ଗ୍ରହଣ କରିଥିଲେ।

## ଲୁଣାହାର ଗ୍ରାମରେ ଯୁବକଙ୍କ ଆତ୍ମହତ୍ୟା

**ସାଲେପୁର, ୩୦।୩(ସମିସ):** ଲୁଣାହାର ଗ୍ରାମରେ କୌଣସି କାରଣରୁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଲୁଣାହାର ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ପୁତ୍ର ଅନିଲ ଦାସ(୩୪) ମାନସିକ ଭାରସାମ୍ୟ ହରାଇ ନିଜ ଘରେ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ସାଲେପୁର ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରିବା ସହ ପୋଷ୍ଟମର୍ଟମ କରିବାକୁ ପଠାଇଥିବା ଜଣାଯାଇଛି।

# ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ

**ସାଲେପୁର, ୩୦।୩(ସମିସ)**




ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ଓ ପ୍ରେସ୍ କ୍ଲବ୍ ପକ୍ଷରୁ ୩ ଦିନ ଧରି ପାଳିତ ହେବାକୁ ଯାଉଥିବା ଓଡ଼ିଶା ଦିବସ ପାଳନ ଅବସରରେ ଆନୁଷ୍ଠାନିକ ଭାବରେ ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ତଥା କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧୁମଣ୍ଡପ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସକାଳ ୧୧ଘଟିକା ସମୟରେ ଏହି କାର୍ଯ୍ୟକ୍ରମକୁ ସାଲେପୁର ତହସିଲଦାର ତଥା ଏହି କାର୍ଯ୍ୟକ୍ରମର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଜୟସିଂହ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ମୁଖ୍ୟଅତିଥି, ଅନ୍ୟମାନଙ୍କ ମଧ୍ୟରେ ଅତିଥି ରୂପେ ସାଲେପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମହେଶ୍ୱର ବେହେରା, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଅନୀତା ସାହୁ ଅତିଥି ରୂପେ ଯୋଗଦେଇ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଏହି ନିଆରା କାର୍ଯ୍ୟକ୍ରମ ମଧୁପୀଠରେ ହେବା ଆମ ପାଇଁ ଆନନ୍ଦର ବିଷୟ ବୋଲି କହିଥିଲେ। ଏହି ଅବସରରେ ବାବା ଭୁବନାନନ୍ଦ ଦାଶ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାବା ଭୁବନାନନ୍ଦ ଦାଶଙ୍କୁ ଉତ୍ତରୀୟ ଓ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅକ୍ଷୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସମ୍ପାଦକ ହୃଷିକେଶ ମଲ୍ଲିକ, ଉପସଭାପତି ଦୀପକ ଦାସ, ସହସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର ଶତପଥି, ମହାସଚିବ ମନୋଜ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ନୃତ୍ୟ, ଗୀତ, ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଶହ ଶହ ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କର ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ।

